# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**09th June – 2026**

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ସେବା, ସୁଶାସନ ଓ ଜନକଲ୍ୟାଣର ନୂତନ ଉଦାହରଣ ସୃଷ୍ଟି ହୋଇଛି; କହିଲେ କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ ।

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଓଡ଼ିଶାର ପ୍ରଗତି ନୂତନ ଐତିହାସିକ ଶିଖର ଛୁଇଁଛି ।

— କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ କହିଲେ ମୁଖ୍ୟମନ୍ତ୍ରୀ ।

- ଦିଘା ଶ୍ରୀଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ଅପସାରଣ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସୂଚନା ।

ଏବଂ

- ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ।

*Desk*

# ମେଘୱାଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷରେ ଦେଶରେ ସେବା, ସୁଶାସନ ଏବଂ ଜନକଲ୍ୟାଣର ନୂତନ ଉଦାହରଣ ସୃଷ୍ଟି ହୋଇଛି ବୋଲି କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଗଣମାଧ୍ୟମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ମେଘୱାଲ କହିଛନ୍ତି, ଭାରତ ବିକାଶ ପଥରେ ଅଗ୍ରସର ହେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି। ପୂର୍ବର ନିର୍ମଳ ଗ୍ରାମ ଯୋଜନାକୁ ଶ୍ରୀ ମୋଦୀ ସ୍ୱଚ୍ଛ ଭାରତ ଯୋଜନାକୁ ରୂପାନ୍ତରିତ କରି ଦେଶରେ ୧୦ କୋଟି ଶୌଚାଳୟ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଥିଲେ। ଏହି ଧାର୍ଯ୍ୟ ଲକ୍ଷ୍ୟ ସରକାର ୧୨ ବର୍ଷରେ ହାସଲ କରିପାରିଛନ୍ତି।

ବିଜୁଳିରୁ ବଞ୍ଚିତ ଥିବା ୧୮ ହଜାର ଗ୍ରାମକୁ ମାତ୍ର ୧ ହଜାର ଦିନରେ ବିଜୁଳି ସଂଯୋଗ ଦିଆଯାଇଛି। ପିଏମ୍ କିଷାନ୍ ଯୋଜନାରେ ୧୧ କୋଟି କୃଷକ ଲାଭାନ୍ୱିତ ହୋଇଛନ୍ତି। ଏହି ଯୋଜନା ଅଧିନରେ ୪ ଲକ୍ଷ କୋଟିରୁ ଅଧିକ ଅର୍ଥରାଶି କୃଷକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଇଛି। ଭିତ୍ତିଭୂମି କ୍ଷେତ୍ରରେ ୨୦୧୪ ମସିହା ପୂର୍ବରୁ ୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହେଉଥିଲା, ଯାହାର ପରିମାଣ ବର୍ତ୍ତମାନ ବୃଦ୍ଧି ପାଇ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି।

ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ଦେଇ ଦେଶର ଲୋକମାନଙ୍କୁ ଯୋଗାଭ୍ୟାସ କରାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକୁ ସ୍ୱୀକୃତି ଦେଇ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ବିଶ୍ୱ ପାଳନ କରୁଛି, ଯାହା ଆମପାଇଁ ଗର୍ବର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ମେଘୱାଲ କହିଛନ୍ତି ।

***Voice (Meghwal)*** :....

***BBSR/R***

# ମୁଖ୍ୟମନ୍ତ୍ରୀ-ମୋଦି ସରକାର ୧୨ ବର୍ଷ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ନିରନ୍ତରତା, ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣର ୧୨ ବର୍ଷ ଏବଂ ତୃତୀୟ ପାଳିର ୨ଟି ସଫଳ ବର୍ଷ ପୂର୍ଣ୍ଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନରେ  ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମାଝୀ କହିଛନ୍ତି, କେନ୍ଦ୍ର ଓ ରାଜ୍ୟର ଅଭିନବ ଡବଲ୍ ଇଞ୍ଜିନ ସରକାରଙ୍କ ମିଳିତ ପ୍ରୟାସରେ ଓଡ଼ିଶାର ପ୍ରଗତି ନୂତନ ତଥା ଐତିହାସିକ ଶିଖର ଛୁଇଁଛି । ୨୦୨୦ କୋଭିଡ୍ ମହାମାରୀ ସମୟରେ 'ଭ୍ୟାକ୍ସିନ୍ ମୈତ୍ରୀ' ଅଭିଯାନ ମାଧ୍ୟମରେ ବିଶ୍ୱର ଅନେକ ରାଷ୍ଟ୍ରକୁ ସହାୟତାର ହାତ ବଢ଼ାଇ ଭାରତ ଆଜି ବିଶ୍ୱବନ୍ଧୁ ଭାବେ ଉଭା ହୋଇଛି । ୟୁକ୍ରେନ ଯୁଦ୍ଧ ଏବଂ ପଶ୍ଚିମ ଏସିଆର ସଙ୍କଟ ସତ୍ତ୍ୱେ ଦେଶ ଆଜି ୭ରୁ ୯ ପ୍ରତିଶତ ଅଭିବୃଦ୍ଧି ହାର ସହ ଅର୍ଥନୀତି

କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରୁଛି । ଉଭୟ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହୋଇପାରିଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :........

କେନ୍ଦ୍ର ସରକାରଙ୍କ ଉଚ୍ଚକୋଟୀର ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ, ରାଜ୍ୟ ସରକାରଙ୍କ ନିଷ୍ଠାପର, କର୍ମଠ କାର୍ଯ୍ୟଶୈଳୀ ଏବଂ ଜନସାଧାରଣଙ୍କ ସକ୍ରିୟ ସହଯୋଗପାଇଁ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନକୁ ପୂରଣ କରିବାପାଇଁ ରାଜ୍ୟ ସରକାର ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଚଳିତ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ରେକର୍ଡ଼ ପରିମାଣର ରେଳ ବଜେଟ୍ ୧୦ ହଜାର ୯୨୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅମୃତ ଭାରତ ଷ୍ଟେସନ ଯୋଜନାରେ ରାଜ୍ୟର ୫୯ଟି ଷ୍ଟେସନ୍‌ର ଆଧୁନିକୀକରଣ ଚାଲିଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

***GNR***

# ଧର୍ମେନ୍ଦ୍ର - ଏନ୍.ଟି.ଏ. ସମୀକ୍ଷା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଜାତୀୟ ପରୀକ୍ଷା ପରିଚାଳନା ସଂସ୍ଥା- ଏନ୍.ଟି.ଏ. ଦ୍ୱାରା ଆସନ୍ତା ୨୧ ତାରିଖରେ ହେବାକୁ ପୁନଃ ନିଟ୍ ୟୁ.ଜି. ପରୀକ୍ଷା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ନୂଆଦିଲ୍ଲୀରେ

ସାମ୍ବାଦିକମାନଙ୍କ  ସହ ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରବର୍ତ୍ତୀ ସମସ୍ତ ପ୍ରକ୍ରିୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଗୋପନୀୟତା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପକୁ ସୁନିଶ୍ଚିତ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ସଠିକ୍ ଭାବେ ପହଁଞ୍ଚିବା ଉପରେ ଗୁରୁତ୍ୱ ଦିଆଯାଇଛି। ତ୍ରୁଟି ରୋକିବା ପାଇଁ ସରକାର ରାଜ୍ୟଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରୁଛନ୍ତି।

***Desk***

# ବିର୍ସାମୁଣ୍ଡା

ଦେଶ ଆଜି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଏବଂ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ବିର୍ସା ମୁଣ୍ଡା ଜଳ, ଜଙ୍ଗଲ ଏବଂ ଜମିର ସୁରକ୍ଷା ପାଇଁ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଭଗବାନ ବିର୍ସା ମୁଣ୍ଡା ଐତିହାସିକ ଉଲଗୁଲାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଆଦିବାସୀ ସଂପ୍ରଦାୟକୁ ଏକତ୍ର କରି ସାଂସ୍କୃତିକ ଐତିହ୍ୟ ଓ ଅଧିକାରର ସୁରକ୍ଷା ପାଇଁ ଭଗବାନ ବିର୍ସାମୁଣ୍ଡାଙ୍କ ଅବଦାନ ଦେଶବାସୀଙ୍କୁ ପ୍ରେରଣା ଯୋଗାଉଛି। ଭଗବାନ ବିର୍ସାମୁଣ୍ଡାଙ୍କ ପୁଣ୍ୟତିଥିରେ ସମାଜର ସବୁବର୍ଗର ଲୋକେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

*Puri/R*

# ଦିଘା ଧାମ

ପଶ୍ଚିମବଙ୍ଗ ଦିଘାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ଅପସାରଣ ହେବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି । ଦିଘା ଜଗନ୍ନାଥ ଧାମ ବଦଳରେ ଦିଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ହେବ ବୋଲି ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ଅଧିକାରୀଙ୍କୁ ଏନେଇ ପତ୍ର ଲେଖି ଅନୁରୋଧ କରିଥିଲେ । ଶ୍ରୀ ମାଝୀ ପତ୍ରରେ ଲେଖିଥିଲେ, ଦିଘା ଜଗନ୍ନାଥଧାମ ନାମକରଣ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେଉଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଶ୍ରୀ ମାଝୀ ଅନୁରୋଧ କରିଥିଲେ ।

ଏହାଦ୍ୱାରା ବିଶ୍ୱବ୍ୟାପୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତଙ୍କପାଇଁ ଅତ୍ୟନ୍ତ ଆଧ୍ୟାତ୍ମିକ ଓ ଭାବନାତ୍ମକ ମହତ୍ତ୍ୱ ବହନ କରେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ।

*News Pool*

# ସୁରକ୍ଷିତ ମାତୃତ୍ୱ ଅଭିଯାନ

ଗତ ଦଶ ବର୍ଷ ମଧ୍ୟରେ କେନ୍ଦ୍ର ସରକାର 'ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ'–ପି.ଏମ୍.ଏସ୍.ଏମ୍.ଏ' ମାଧ୍ୟମରେ ଗର୍ଭବତୀଙ୍କ ପାଇଁ ସ୍ୱାସ୍ଥ୍ୟସେବା

ସୁବିଧାକୁ ନିରନ୍ତର ସୁଦୃଢ଼ କରିଛନ୍ତି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି । ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ଦଶ ବର୍ଷ ପୂର୍ତ୍ତି ପାଳନ ଅବସରରେ ଦେଶବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଶ୍ରୀ ନଡ୍ଡା କହିଛନ୍ତି, ଗର୍ଭବତୀ ଏବଂ ସେମାନଙ୍କ ପରିବାର ପାଇଁ ଉଦ୍ଦିଷ୍ଟ ମାଗଣା ସ୍ୱାସ୍ଥ୍ୟସେବା ସମ୍ପର୍କରେ ଅବଗତ କରିବା ନିମନ୍ତେ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଉତ୍ସବ ମାଧ୍ୟମରେ ସଚେତନତା ଓ ଲୋକସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦେଶର ମହିଳାମାନେ ଗର୍ଭାବସ୍ଥା ସମୟରେ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ଯେପରି ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରାଯିବା ସହିତ ସେମାନଙ୍କୁ ସମୟୋପଯୋଗୀ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏହି ବ୍ୟବସ୍ଥା ଦ୍ୱାରା ଦେଶରେ ମାତୃ ମୃତ୍ୟୁହାର ୮୬ ପ୍ରତିଶତ ହ୍ରାସ ପାଇଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଦ୍ୱାରା ୨୦୧୬ ମସିହା ଜୁନ୍ ମାସରେ ଆରମ୍ଭ ହୋଇଥିବା ପି.ଏମ୍.ଏସ୍.ଏମ୍.ଏ ଯୋଜନା ସୁରକ୍ଷିତ ମାତୃତ୍ୱ ଲାଭ ପାଇଁ ଏକ ପ୍ରମୁଖ ପଦକ୍ଷେପ। ପ୍ରତ୍ୟେକ ମାସର ୯ ତାରିଖରେ ସମସ୍ତ ଗର୍ଭବତୀ ମହିଳାଙ୍କୁ ମାଗଣାରେ ଗୁଣାତ୍ମକ  ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି। ବିପଦପୂର୍ଣ୍ଣ ଗର୍ଭଧାରଣର ପ୍ରାରମ୍ଭିକ ଚିହ୍ନଟ ଏବଂ ତୁରନ୍ତ ପରିଚାଳନାକୁ ସହଜ କରି ମାତୃ ଓ ନବଜାତ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ।

***Kendrapara/R***

# ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ପି.ଏମ୍.ଜି. ଏବଂ ପ୍ରଗତି ଅଧୀନରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡ଼କ, ସେତୁ, ଜନ ଉପଯୋଗୀ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

***Malkangiri, Dhenkanal/R***

# ଏସ୍.ଆର୍.ଆର୍.

ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାପାଇଁ ବିଭିନ୍ନ ବ୍ଲକ୍‌ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ ଏବଂ ଭୋଟର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏସ୍.ଆଇ.ଆର୍. ପ୍ରକ୍ରିୟା ପରିଚାଳନା, ଅନ୍‌ଲାଇନ୍ ଫର୍ମ ପୂରଣ ଆଦି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି ।

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ରଥ ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ସମ୍ପର୍କରେ ଭୋଟର୍‌ମାନଙ୍କୁ ସଚେତନ କରିବ ।

*Rayagada/R*

## ପରିଗଣନା ଫର୍ମ ବଣ୍ଟନ

ରାୟଗଡ଼ା ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୭ ଲକ୍ଷ ୧୪ ହଜାର ୭ ଶହ ଭୋଟର୍‌ଙ୍କ ମଧ୍ୟରୁ ୭୦ ପ୍ରତିଶତ ଲୋକଙ୍କୁ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଜିଲ୍ଲାପାଳ ଆଶୁତୋଷ କୁଲ୍‌କର୍ଣ୍ଣି ସୂଚନା ଦେଇଛନ୍ତି । ଜିଲ୍ଲାରେ ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଥିବା ଜିଲ୍ଲାପାଳ କହିଛନ୍ତି ।

*Kendrapara/R*

## ଜନସମ୍ପର୍କ ଅଭିଯାନ

କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଗରିବ କଲ୍ୟାଣର ୧୨ ବର୍ଷ ଉପଲକ୍ଷେ ଆୟୋଜିତ ଜନସମ୍ପର୍କ ଅଭିଯାନ

କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ନେଇ ଶ୍ରୀ ପଣ୍ଡା ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

***Desk***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ରୁ ୪ ଦିନ ମଧରେ ରାଜ୍ୟର କିଛି ଅଞ୍ଚଳକୁ ପ୍ରବେଶ କରିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସ୍ୱତନ୍ତ୍ର ସତର୍କ ସୂଚନା ଜାରି କରାଯାଇଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ରାଜ୍ୟରେ ଆସନ୍ତା ୧୧ ତାରିଖରୁ ବର୍ଷାର ପରିମାଣ ବଢ଼ିବ ଏବଂ ୧୨ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ନେଇ ଆଗାମୀ ୨୪ ଘଣ୍ଟାପାଇଁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ କରାଯାଇଛି ।

******